# India-UK Virtual Summit (May 04, 2021)

May 02, 2021

## ଭାରତ-ବ୍ରିଟେନ ମଧ୍ୟରେ ଭର୍ଚୁଆଲ୍ ସମ୍ମିଳନୀ (04 ମଇ 2021)

**ମଇ 02, 2021**

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ବ୍ରିଟେନର ପ୍ରଧାନମନ୍ତ୍ରୀ ମାନ୍ୟବର ବୋରିସ୍ ଜନସନଙ୍କ ସହ 4 ମଇ 2021ରେ ଏକ ଭର୍ଚୁଆଲ୍ ସମ୍ମିଳନୀ କରିବେ।

2. 2004 ରୁ ଭାରତ ଏବଂ ବ୍ରିଟେନ ମଧ୍ୟରେ ରଣନୀତିକ ଭାଗିଦାରୀ ଜାରି ରହିଛି। ଏହା ନିୟମିତ ଉଚ୍ଚସ୍ତରୀୟ ବିନିମୟ ଏବଂ ବିଭିନ୍ନ କ୍ଷେତ୍ରରେ ବୃଦ୍ଧି ପାଉଥିବା ଏକାଭିମୁଖତା ଦ୍ୱାରା ଚିହ୍ନିତ। ଆମର ବହୁମୁଖୀ ରଣନୀତିକ ସମ୍ପର୍କକୁ ବୃଦ୍ଧି କରିବା ଏବଂ ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗରେ ସହଯୋଗ ବୃଦ୍ଧି କରିବା ପାଇଁ ଏହି ସମ୍ମିଳନୀ ଏକ ବିଶେଷ ସୁଯୋଗ ପ୍ରଦାନ କରିବ। ଉଭୟ ନେତା କୋଭିଡ19 ସହଯୋଗ ଏବଂ ଏହି ମହାମାରୀର ମୁକାବିଲା ପାଇଁ ବିଶ୍ୱସ୍ତରୀୟ ଉଦ୍ୟମ ଉପରେ ମଧ୍ୟ ଆଲୋଚନା କରିବେ।

3. ଏହି ସମ୍ମିଳନୀରେ ଏକ ବିସ୍ତୃତ ରୋଡମ୍ୟାପ 2030 ଜାରି ହେବ ଯାହା ଆଗାମୀ ଦଶନ୍ଧିରେ ଭାରତ-ବ୍ରିଟେନ ମଧ୍ୟରେ ଲୋକମାନଙ୍କ ମଧ୍ୟରେ ସମ୍ପର୍କ, ବାଣିଜ୍ୟ ଏବଂ ସମୃଦ୍ଧି, ପ୍ରତିରକ୍ଷା ଏବଂ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟ ଏବଂ ସ୍ୱାସ୍ଥ୍ୟସେବା ଆଦି ପାଞ୍ଚଟି ମୁଖ୍ୟ କ୍ଷେତ୍ରରେ ସହଯୋଗକୁ ଆହୁରି ବ୍ୟାପକ ଏବଂ ଗଭୀର କରିବା ପାଇଁ ପଥ ପରିଷ୍କାର କରିବ।

**ନୂଆଦିଲ୍ଲୀ**

**ମଇ 02, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.